# କାହିଁକି ଯେ

କିଏ କହେ ତୁମେ ଶୀତ ସକାଳର
କଅଁଳ ମେଘୁଆ ଖରା
କିଏ କହେ ତୁମେ ଯମୁନା କୂଳର
ବିରହୀ ରାଧିକା ପରା ।
କିଏ କହେ ତୁମେ ମନ ବନାନୀର
ଏକଇ କଦମ୍ବ ଫୁଲ
କିଏ କହେ ତୁମେ ମନ ଆଇନାର
ଛବିଟି ଅମୂଲ ମୂଲ ।
ସ୍ନିଗ୍ଧ ସକାଳେ ଅଳସ ବଧୂଗୋ
ଲଜ୍ଜା ସୁହାଗେ ଆସ
କନକ ଚମ୍ପା ଅଙ୍ଗୁ ଝରଇ
ସୃଜାଇ ମଧୁର ହାସ ।
ଆର୍ଦ୍ର ବସନୁ ଝରିପଡଇକି
ମୁକୁତା ସେନେହ କଳୀ
ବିମ୍ବ ଅଧର ରକ୍ତିମ ଆଭା
ଫୁଟଇ ଗୋଲାପ ଭଳି ।
କହନା ସଖିରେ ସ୍ନିଗ୍ଧ ବାତାୟନେ
ବସନ୍ତ କାହିଁକି ଆସେ
କହନା ସଖିରେ କାହିଁକି ଯେ କବି
କାବ୍ୟ ଧାରାରେ ଭାସେ ।
କହନା ସଖିରେ ନୀଳ ଗଗନରୁ
ତାରକା କାହିଁକି ଚାହେଁ
କହନା ସଖିରେ ପୁଷ୍କରିଣୀ ବକ୍ଷେ
ନଳିନ କାହିଁକି ଶୋହେ ।

ବଂଶୀରେ ଫୁଟେ ରାଗର ମହ୍ଲାର
ଗାୟିକା ରକ୍ତିମ ଓଠେ
ନୀଳ ସାଗରର ଉଦାତ୍ତ ବକ୍ଷେ
ଲହରୀ ମଥା କି ପିଟେ।
ଘନ ପ୍ରାବୃଟର ମୁକ୍ତି ସଙ୍ଗୀତେ
ଶାନ୍ତ ଧରଣୀ ରାଣୀ
କୃଷ୍ଣ ବିତାନେ ଢ଼ାଙ୍କି ରଖଇ
ଆକାଶ କିବା ମେଦିନୀ।
ଘନ ପ୍ରାନ୍ତର ସବୁଜ ମଥାନେ
ସାଧବ ବୋହୂଟି ଲାଜେ
ମଥା ଟେକି ଟିକି ଅରୁଣିମା ତନୁ
ରଙ୍ଗିମାମୟ ରଚେ।
ଶରତ ଆକାଶେ କାହିଁକି ଗୋ ସଖି
ପୁନିଅଁ ଜହ୍ନଟି ଚାହେଁ
କୋଇଲି କାହିଁକି ସହକାର ବୁକେ
ବିରହୀ ସଙ୍ଗୀତ ଗାଏ।
ସବୁ ସେଇ ସ୍ରଷ୍ଟା ସୃଷ୍ଟି ଯାହାର
ଚକ୍ଷୁ ଇଙ୍ଗିତେ ଗମେ
କବିର ହୃଦୟେ ନିଶୀଥେ ଚଂପା
ସହସ୍ର ଆଶାରେ ଚୁମେ।

□□□